ରାମ ସିଂହ

ବନାମ

ଉତ୍ତର ପ୍ରଦେଶ ରାଜ୍ୟ ଏବଂ ଅନ୍ୟମାନେ

ଜୁଲାଇ 25, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟାନାୟକ; ନ୍ୟାୟମୂର୍ତ୍ତିଦ୍ୱୟ]

*ୟୁ. ପି. ଭୂମି ଧାରଣ ସର୍ବୋଚ୍ଚ ସୀମା ଲାଗୁ ଅଧିନିୟମ,1960: ଧାରା 2 (8)*

*ଜମି ଧାରଣ -- ଉପବନ ଜମି-- କାଟିବା ପାଇଁ 24 ଜାନୁଆରୀ,1971 ମସିହା ଧାର୍ଯ୍ୟ କରାଯାଇଛି -- ଛୋଟ ଗଛ ବ୍ୟତୀତ ସମ୍ପୂର୍ଣ୍ଣ ବୃଦ୍ଧି ହୋଇଥିବା ଗଛଗୁଡ଼ିକୁ ସେହି ତାରିଖ ସୁଦ୍ଧା ଅନ୍ତର୍ଭୂକ୍ତ କରିବା-- ଆବେଦନକାରୀ 24 ଜାନୁଆରୀ, 1971 ମସିହା ସୁଦ୍ଧା ବିଦ୍ୟମାନ ଗଛଗୁଡ଼ିକୁ କାଟିଦେଇଥିଲେ ଏବଂ କାଟିବା ତାରିଖ ପରେ ସେହି ଜମିରେ ନୂତନ ଗଛ ଲଗାଇଥିଲେ -- ନିର୍ଣ୍ଣୟ ହିଇଛି, ଅଧିନିୟମ ଅନୁଯାୟୀ, ଏପରି ଜମିକୁ ଉପବନ ଜମି କୁହାଯାଏ ନାହିଁ।*

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 1765/1982

22.2.80 ମସିହାରେ, ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ସି.ଏମ୍.ଡବ୍ଲ୍ୟୁ. ସଂଖ୍ୟା 7091/1978 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି।

ପ୍ରମୋଦ ସ୍ୱରୂପ ଆବେଦନକାରୀ ପାଇଁ।

ଆର୍. ସି. ବର୍ମା, ଏ. କେ. ଶ୍ରୀବାସ୍ତବ ଏବଂ ଏମ୍. ଏନ୍. କୁରାଲ ଉତ୍ତରଦାତାମାନଙ୍କ ପାଇଁ।

ନ୍ୟାୟାଳୟ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଫେବୃଆରୀ 22, 1980 ମସିହାରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଡବ୍ଲ୍ୟୁ.ପି. ସଂଖ୍ୟା 6667/1978 ରେ ପ୍ରଦାନ କରାଯାଇଥିବା ଆଦେଶ ବିରୁଦ୍ଧରେ, ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନ ଆସିଛି। ତଥ୍ୟ ଅନୁସନ୍ଧାନକୁ ବାସ୍ତବରେ ୟୁ.ପି. ଭୂମି ଧାରଣ ସର୍ବୋଚ୍ଚ ସୀମା ଲାଗୁ ଅଧିନିୟମ,1960 ଅଧୀନରେ ଥିବା ଉଭୟ ନ୍ୟାୟାଧିକରଣଙ୍କ ଦ୍ୱାରା ନଥିଭୁକ୍ତ କରାଯାଇଛି ଯେ ଆବେଦନକାରୀ ଜାନୁଆରୀ 24,1971 ମସିହା ସୁଦ୍ଧା ବିଦ୍ୟମାନ ଥିବା ଗଛଗୁଡ଼ିକୁ କାଟିଛନ୍ତି ଏବଂ ନୂଆ ଗଛ ରୋପଣ କରିଛନ୍ତି। ସେହି ଆଧାରରେ, ପ୍ରଶ୍ନ ଉଠିଲା; ଆବେଦନକାରୀଙ୍କ ଦ୍ୱାରା ରୋପଣ କରାଯାଇଥିବା ବୃକ୍ଷ ଅଧିନିୟମର ଧାରା 23 (8) ର ଅର୍ଥ ମଧ୍ୟରେ ଏକ ଉପବନ ଜମି ହେବ କି, ଯାହାକୁ ନିମ୍ନମତେ ପାଠ କରାଯାଏ:

> (8) "ଉପବନ ଭୂମି" ର ଅର୍ଥ ଜାନୁଆରୀ 24,1971 ପୂର୍ବରୁ କୌଣସି ନିର୍ଦ୍ଦିଷ୍ଟ ଜମି ଖଣ୍ଡରେ (ପିଜୁଳି, ଭଣ୍ଡା, କଦଳୀ କିମ୍ବା ଲତା) ଗଛକୁ ଛାଡି ଏତେ ସଂଖ୍ୟାରେ ବୃକ୍ଷ ରୋପଣ କରାଯାଇଥିବ, ଯେ ସେମାନେ ଜମି କିମ୍ବା ଏହାର କୌଣସି ଗୁରୁତ୍ୱପୂର୍ଣ୍ଣ ଅଂଶକୁ ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରିବାରୁ ବାରଣ କରିବ, ଏବଂ ଏହିପରି ଜମିରେ ଥିବା ଗଛ ଏକ ଉପବନ ଗଠନ କରେ।"

ଏହାର ଏକ ପଠନ ସ୍ପଷ୍ଟ ଭାବରେ ସୂଚିତ କରେ ଯେ ବ୍ୟବସ୍ଥାପିକା 24 ଜାନୁଆରୀ, 1971ମସିହା ପୂର୍ବରୁ ରୋପଣ କରାଯାଇଥିବା ପିଜୁଳି, ଭଣ୍ଡା, କଦଳୀ ଗଛ ଏବଂ ଲତା ବ୍ୟତୀତ ବିଦ୍ୟମାନ ଥିବା ଗଛଗୁଡ଼ିକୁ କାଟିବା ପାଇଁ ସମୟ ଧାର୍ଯ୍ୟ

କରିଥିଲେ । ଅନ୍ୟ ଅର୍ଥରେ, ବ୍ୟବସ୍ଥାପିକା ସୂଚିତ କରିଛି ଯେ ସେହି ତାରିଖ ସୁଦ୍ଧା ଉପବନରେ ବିଦ୍ୟମାନ ଥିବା ଅନ୍ୟ ସମସ୍ତ ବୃକ୍ଷ ବ୍ୟତୀତ ସମ୍ପୂର୍ଣ୍ଣ ବିକଶିତ ଗଛ ଏବଂ ଏହି ଅଧିନିୟମ ଉଦ୍ଦେଶ୍ୟରେ ଉପବନ ହେବ । ଆବଶ୍ୟକ ପ୍ରଭାବ ଦ୍ୱାରା ସେହି ତାରିଖ ପରେ ରୋପଣ କରାଯାଇଥିବା କୌଣସି ବୃକ୍ଷ ଏହି ଅଧିନିୟମ ଅନୁଯାୟୀ ଉପବନ ଜମି ହୋଇପାରିବ ନାହିଁ । ଆବେଦନକାରୀଙ୍କ ବିଦ୍ୱାନ ଓକିଲ ଶ୍ରୀ ପ୍ରମୋଦ ସ୍ୱରୂପଙ୍କ ଯୁକ୍ତି ଥିଲା ଯେ ଭାଙ୍ଗି ଯାଇଥିବା ଗଛ ଜାଗାରେ କିଛି ନୂଆ ଗଛ ବୃଦ୍ଧି ପାଇଥିଲା, ତାହା ସମ୍ଭବପର ଅଟେ, କିନ୍ତୁ ଆମେ ଏହି ଯୁକ୍ତିକୁ ସ୍ୱୀକାର କରିପାରିବୁ ନାହିଁ କାରଣ ବ୍ୟବସ୍ଥାପିକା ନିର୍ଦ୍ଦିଷ୍ଟ ଭାବରେ ବିଦ୍ୟମାନ ଗଛର ତାରିଖ ଧାର୍ଯ୍ୟ କରିଛି, ଅର୍ଥାତ୍, ଜାନୁଆରୀ 24,1971 । ଏଭଳି ପରିସ୍ଥିତିରେ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତକୁ ଅଯୌକ୍ତିକ କୁହାଯାଇପାରିବ ନାହିଁ।

ଆବେଦନକୁ ଖାରଜ କରାଗଲା । ଖର୍ଚ୍ଚ ପାଇଁ କୌଣସି ଆଦେଶ ନାହିଁ।

ଟି. ଏନ୍. ଏ. ଆବେଦନକୁ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

**ଶ୍ରୀ ଜଟାଧାରୀ ସେଠୀ**

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।